# ଦୈନନ୍ଦିନ ଖାଦ୍ୟରେ ପୁଷ୍ଟିକର ଖାଦ୍ୟ ସାମିଲକୁ ଗୁରୁତ୍ୱ

## ଜିଲାସ୍ତରୀୟ ପୋଷଣ ମାସ ପାଳିତ

ରାୟଗଡ଼ା,୯।୧୦(ଆଶିଷ ରଞ୍ଜନ ପଣ୍ଡା)



ପୋଷଣ ମେଳାରେ ପ୍ରଦର୍ଶିତ ବିଭିନ୍ନ ପୁଷ୍ଟିକର ଖାଦ୍ୟକୁ ଅତିଥିମାନେ ବୁଲି ଦେଖୁଛନ୍ତି ।

ରାୟଗଡ଼ାରେ ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ପୋଷଣ ମାସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ସରସ୍ୱତୀ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଜୈବିକ କୃଷି ଦ୍ୱାରା ଉତ୍ପାଦିତ ଅନେକ ଖାଦ୍ୟ ଶସ୍ୟ ଜିଲାରେ ରହିଛି। ଦୈନନ୍ଦିନ ଖାଦ୍ୟପେୟରେ ସେଗୁଡିକୁ ଆମେ ସାମିଲ କଲେ ଶରୀରରେ ପୁଷ୍ଟିକର ତତ୍ତ୍ୱ ବଢିବା ସହ ସ୍ୱାସ୍ଥ୍ୟକ୍ଷେତ୍ରରେ ଅଧିକ ଲାଭବାନ ହେବେ ବୋଲି କହିଥିଲେ । ଏହି ଅବସରରେ ପୋଷଣ ସଂକ୍ରାନ୍ତରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି କରି ପ୍ରଦର୍ଶନ କରାଯାଇଥିଲା। ଗତ ଏକ ମାସ ଧରି ଚାଲିଥିବା ପୋଷଣ ମାସ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ବିଭିନ୍ନ ଶିଶୁ ବିକାଶ ପ୍ରକଳ୍ପକୁ ପୁରସ୍କାର ପ୍ରଦାନ ସହ ଉତ୍ସାହିତ କରାଯାଇଥିଲା । ମେଳାରେ ଜିଲାର ସମସ୍ତ ୧୧ ବ୍ଲକର ଶିଶୁ, କିଶୋରୀ ବାଳିକା ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ପିଲାଦିନରେ ଯେଉଁ ଖାଦ୍ୟ ପ୍ରତି ଅଧିକ ଜୋର ଥାଏ, ସେଭଳି ଖାଦ୍ୟ ପ୍ରତି ନିଜର ଦୁର୍ବଳତା ସବୁବେଳେ ରହିଥାଏ। ତେଣୁ ପରିବାର ମୁରବିମାନେ ପିଲାଙ୍କ ଖାଦ୍ୟ ପ୍ରତି ଥିବା ଦୁର୍ବଳତାକୁ ଆଖି ଆଗରେ ରଖିବା ସହ ପୁଷ୍ଟି ପ୍ରତି ଧ୍ୟାନ ଦେବା ଉଚିତ ବୋଲି ଅନ୍ୟ ଅତିଥିମାନେ ମତ ରଖିଥିଲେ । କାର୍ଯ୍ୟକ୍ରମକୁ ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱାଗତ କରିଥିଲେ। ଆକ୍ସନ ଏଡର ଜିଲା ବାଲ୍ୟ ବିବାହ ନିଷେଧ ଜିଲା ପରାମର୍ଶଦାତା ରତ୍ନେଶର ସାହୁ ପରିଚାଳନା କରିଥିଲେ। ପୋଷଣ ଜିଲା ସଂଯୋଜିକା ମଧୁଲତା ଦଣ୍ଡସେନା, ଜିଲା ସହାୟକ ମହେନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହାୟତା କରିଥିଲେ ।

# ଉନ୍ନୟନମୂଳକ କାର୍ଯ୍ୟ ପାଇଁ କାଶୀପୁର ବ୍ଲକ୍ ପୁରସ୍କୃତ

ଟିକିରି,୯।୧୦ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକରେ ସଫଳ ଉନ୍ନୟନମୂଳକ କାର୍ଯ୍ୟ ଯୋଗୁ ଜିଲା ପ୍ରଶାସନ ଦ୍ୱାରା ସମ୍ପୂର୍ଣ୍ଣତା ଅଭିଯାନ ସମାପନ ସମାରୋହ କାର୍ଯ୍ୟକ୍ରମରେ କାଶୀପୁର ବ୍ଲକ୍‌କୁ ପୁରସ୍କୃତ କରାଯାଇଛି। ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷି, ସ୍ୱାସ୍ଥ୍ୟ, ବ୍ଲକ ପ୍ରଶାସନ, ସମନ୍ୱିତ ଶିଶୁ ବିକାଶ ଏବଂ ଶିକ୍ଷା ବିଭାଗର ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି। କାଶୀପୁର ବ୍ଲକ ବିଡିଓ ଡ. ଅମୃତ ରାଉଳ, କୃଷି ବିଭାଗ ଅଧିକାରୀ ନିରଞ୍ଜନ ନାୟକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମାଶଙ୍କର ପାତ୍ର, ମଙ୍ଗଳ ବିଭାଗ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବେହେରା, ମହିଳା ସ୍ୱାସ୍ଥ୍ୟ କର୍ମୀ ଗୀତାଞ୍ଜଳି ସୁବୁଦ୍ଧି, ଅଙ୍ଗନୱାଡି କର୍ମୀ ସୌଦାମିନି ମହାପାତ୍ର, ଆଶା ରଜନ୍ତି ନାଚିକାଙ୍କୁ ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ଆକାଂକ୍ଷା ବ୍ଲକ୍ ରୂପେ ଭାରତ ସରକାରଙ୍କ ନୀତି ଆୟୋଗ ଦ୍ୱାରା କାଶୀପୁର ବ୍ଲକକୁ ଚୟନ କରାଯାଇଥିଲା। ରାୟଗଡା ଜିଲାପାଳ ପାରୁଲ ପଟ୍ଟୱାରୀଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାୟଗଡା ଜିଲା ପରିଷଦ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁ ପ୍ରସାଦ ପାତ୍ର ଉପସ୍ଥିତ ରହି ବ୍ଲକର ଅଧିକାରୀଙ୍କୁ ପୁରସ୍କୃତ କରିଥିଲେ। ପିରାମଲ ଫାଉଣ୍ଡେସନର ପୋଗ୍ରାମ ପରିଚାଳକ ନରେଶ ଶର୍ମାଙ୍କ ସଞ୍ଚାଳନରେ ଜିଲା ଓ ବ୍ଲକସ୍ତରର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।




କାଶୀପୁର ବ୍ଲକ୍‌ର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପୁରସ୍କୃତ କରାଯାଉଛି।

# ମୁନିଗୁଡ଼ା ବନ ବିଭାଗର ୨ କର୍ମଚାରୀ ସମ୍ମାନିତ




ଫରେଷ୍ଟର ଓ ବନ୍ୟପ୍ରାଣୀ ସୁରକ୍ଷା ଗାର୍ଡଙ୍କୁ ସମ୍ମାନିତ କରାଯାଉଛି।

ମୁନିଗୁଡ଼ା,୯।୧୦ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ବନଖଣ୍ଡ ତରଫରୁ ମଙ୍ଗଳବାର ଫରେଷ୍ଟ ପାର୍କଠାରେ ଆୟୋଜିତ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳନ ଅବସରରେ ମୁନିଗୁଡା ବନ ବିଭାଗର ଦୁଇ କର୍ମଚାରୀଙ୍କୁ ମାନପତ୍ର ସହ ପୁରସ୍କାର ଦେଇ ସମ୍ମାନିତ କରାଯାଇଛି । ମୁନିଗୁଡ଼ା ଫରେଷ୍ଟର ପ୍ରମୋଦିନୀ ମଣ୍ଡାଙ୍ଗୀ ଓ ବନ୍ୟପ୍ରାଣୀ ସୁରକ୍ଷା ଗାର୍ଡ ସୁବାସ ପାତ୍ରଙ୍କୁ ଶ୍ରେଷ୍ଠ ଫରେଷ୍ଟର ଓ ବନ୍ୟପ୍ରାଣୀ ସୁରକ୍ଷା ଗାର୍ଡ ଭାବେ ବିବେଚିତ କରାଯାଇଛି। ସେହିପରି ମୁନିଗୁଡା ଆଦର୍ଶ ବିଦ୍ୟାଳୟକୁ ପ୍ରକୃତିମିତ୍ର ପୁରସ୍କାର ଚୟନ କରାଯାଇ ମାନପତ୍ର ସହ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସେହିପରି ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହର୍ଷ ଟ୍ରଷ୍ଟ ସହ ଜଡ଼ିତ ସାମାଜିକ କାର୍ଯ୍ୟକର୍ତ୍ତା ଶରତ କୁମାର ସାହୁଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାରରେ ପୁରସ୍କୃତ କରାଯାଇଛି। ଏଥିସହ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ମାନପତ୍ର ସହ ୧୨ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ବନଖଣ୍ଡ ଅଧିକାରୀ ସଚିନ ଆନ୍ନାସାହେବ ଓହାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାୟଗଡ଼ ବିଧାୟକ ଆପଲା ସ୍ୱାମୀ କାଡ୍ରାକା, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, କୋଲନରା ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା କୁଲେଶିକା, ସହକାରୀ ବନ ସଂରକ୍ଷକ ଅଶୋକ କୁମାର ପ୍ରଧାନ, ସନ୍ଦୀପ କୁମାର ପୃଷ୍ଟି, ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାରେ ୧ ଲକ୍ଷ ସଦସ୍ୟ ସଂଗ୍ରହ ଲକ୍ଷ୍ୟ

## ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ

ରାୟଗଡ଼ା,୯।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ବିଜେଡି କାର୍ଯ୍ୟାଳୟରେ ଜିଲା ସଭାପତି ତଥା ପୂର୍ବତନ ଏମ୍‌ପି ଏନ. ଭାସ୍କର ରାଓଙ୍କ ଅଧ୍ୟକ୍ଷତାରେ ବୁଧବାରଠାରୁ ସଭ୍ୟ ସଂଗ୍ରହ ଅଭିଯାନ ଶୁଭାରମ୍ଭ ହୋଇଛି। ରାଜ୍ୟ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗୋପବନ୍ଧୁ ଜୟନ୍ତୀ ଅବସରରେ ଆଭାସି ମାଧ୍ୟମରେ ଏହାର ଶୁଭାରମ୍ଭ କରିଥିଲେ। ପରେ ଜିଲାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉଭୟ ଅନଲାଇନ ଓ ଅଫଲାଇନରେ ସଦସ୍ୟତା ଅଭିଯାନ ଚାଲିବ। ସେହିଭଳି ଆସନ୍ତା ୨୨ କିମ୍ବା ୨୩ ତାରିଖରେ ଜିଲାରେ ପଦଯାତ୍ରା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

ଅପରପକ୍ଷରେ ଗତ ସାଧାରଣ ନିର୍ବାଚନକୁ ନେଇ ମାନସ ମନ୍ଥନ ମଧ୍ୟ ହୋଇଥିଲା। ଚଳିତ ଥର ୧ ଲକ୍ଷ ସଭ୍ୟ ସଂଗ୍ରହ କରିବା ପାଇଁ ଦଳ ଟାର୍ଗେଟ କରିଛି। ପ୍ରତି ଗାଁ ଓ ସାହିରୁ ଆରମ୍ଭ କରି ତୃଣମୂଳସ୍ତରରେ ଦଳରେ ନୂତନ ସଭ୍ୟ ଯୋଡିବା ପାଇଁ ନେତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜଗନ୍ନାଥ ସାରକା, ପୂର୍ବତନ ଜିଲା ପରିଷଦ ସଭାପତି ଗଙ୍ଗାଧର ପୁଆଲା, ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା, ରାୟଗଡା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଡରାମ ମାଝୀ, ବରିଷ୍ଠ ନେତା ଅମୀୟ ସ୍ୱାଇଁ, ଚନ୍ଦ୍ରକାନ୍ତ ସାମଲ, ବିନାୟକ କର, ବିଜେଡି ଜିଲା ଯୁବ ସଭାପତି ଅବିନାଶ ବିଶୋଇ, ଏମ୍. ଗଙ୍ଗାଧର, ସୁଜାତା ପାଳ, କାଉନସିଲର ଶ୍ରମିତା ପାଢୀ, ସନ୍ତୋଷ ଦଳାଇ, ଏମ୍. ଶ୍ରୀନୁ, ସୁମିତ୍, ସୁକାନ୍ତ ପରିଡ଼ା, ଯୁବନେତା ଅମିତ ନାୟକ, ତପନ ପେଦେଣ୍ଟି, ଶ୍ରୀକାନ୍ତ ଚୌଧୁରୀ, ପପୁ ପ୍ରବୀଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ସମସ୍ତ ୧୧ ବ୍ଲକ ଓ ୩ ପୌରାଞ୍ଚଳରୁ ଶତାଧିକ କର୍ମୀ ଉପସ୍ଥିତ ଥିଲେ।




ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା।

# ନାଗଭୂଷଣଙ୍କ ଶ୍ରଦ୍ଧାଞ୍ଜଳି ଦିବସରେ ଶୋଭାଯାତ୍ରା

ଗୁଣପୁର,୯।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସି ପି ଆଇ (ଏମ୍ ଏଲ) ଲିବରେଶନ ପକ୍ଷରୁ ନକ୍ସଲବାଡି କୃଷକ ଆନ୍ଦୋଳନ ମହାନ ନେତା କମ୍ରେଡ ନାଗଭୂଷଣ ପଟ୍ଟନାୟକଙ୍କ ୨୬ତମ ଶ୍ରଦ୍ଧାଞ୍ଜଳି ଦିବସ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ ଗୁଣପୁର ବାଳିକା ବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ବାଇପାସ୍ ଛକଠାରେ ପହଞ୍ଚିଥିଲା । ସେଠାରେ ନାଗଭୂଷଣ ପଟ୍ଟନାୟକଙ୍କୁ ତାଙ୍କ ପୁତ୍ର ଫଣିଭୂଷଣ ପଟ୍ଟନାୟକ, ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ ଓ ଅନାସିମ ଶବର ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ୧୯୯୮ ଅକ୍ଟୋବର ୯ ତାରିଖରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପି .ଭେଙ୍କଟ ରାଓ, ଦିଲ୍ଲୀପ ପଟ୍ଟନାୟକ, ମିହିର ପଟ୍ଟନାୟକ, ରାଜକିଶୋର ପାଢୀ, ରାଜେନ୍ଦ୍ର ମାଝୀ, କୈଳାସ ଶବର, ଦାସୁରୁ ପାତିକା, ସଞ୍ଜୀବ ଶବର, ମିନ ଶବର, ସଂଗ୍ରାମ ଶବର, ରାମଦସ ମୁଟିକା, ରମେଶ ବିଡିକା, ରବି ନିମାଲା, ତୁଳସା ନିମାଲା ପ୍ରମୁଖ ଉପସ୍ଥିତ ଥିଲେ ।




ନାଗଭୂଷଣ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ଦିବସରେ ଆୟୋଜିତ ଶୋଭାଯାତ୍ରା।

# ଆଦର୍ଶ ଶିକ୍ଷକ ଦିଲୀପ କରଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାର

ପଦ୍ମପୁର,୯।୧୦ (ପ୍ରଶାନ୍ତ କୁମାର କର)

ରାୟଗଡ଼ାସ୍ଥିତ ଫରେଷ୍ଟ ପାର୍କଠାରେ ୭୦ତମ ବନ୍ୟ ପ୍ରାଣୀ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ପଦ୍ମପୁର ବ୍ଲକ୍‌ର ଉପର ଜୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର କରଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାରରେ ସମ୍ମାନିତ କରାଯାଇଛି। ପରିବେଶ ସୁରକ୍ଷା, ବୃକ୍ଷ ରୋପଣ ତଥା ସଚେତନ କାର୍ଯ୍ୟ ପାଇଁ ତାଙ୍କୁ ମାନପତ୍ର ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ଆପଲା ସ୍ୱାମୀ କାଡ୍ରାକା, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, କୋଲନରା ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା କୁଲେସିକା, ରାୟଗଡ଼ ଜଙ୍ଗଲ ବିଭାଗ ମୁଖ୍ୟ ଅଧିକାରୀ ସଚିନ ଆନ୍ନା ସାହେବ ଓହେଲ, ପରିବେଶବିତ୍ ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ ।

# ଶାନ୍ତିନିକେତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଗୁଣପୁର,୯।୧୦(ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁର ଶାନ୍ତିନିକେତନ ଉଚ୍ଚ ମହାବିଦ୍ୟାଳୟରେ ମଙ୍ଗଳାବର ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଶିକ୍ଷକ ମନୋଜ କୁମାର ପାଢୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏକ ଶୃଙ୍ଖଳିତ ଜୀବନଯାପନ ବିତେଇବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ରଜତ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ସତ୍ୟ ଶତପଥୀ, ଗୌରୀ ଶଙ୍କର ମହାକୁଡ, ତୃପ୍ତି ପ୍ରଧାନ, ବବିତା ଗମାଙ୍ଗ, ସତିଶ କୁମାର, ସନ୍ତୋଷ ପଟ୍ଟନାୟକ, ଥମଷା ପାତ୍ର, ଶିବ ପୂଜାରୀ, ସୁକାନ୍ତ ଗୌଡ, ଭୀମ ଶବର ଓ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଷଷ୍ଠୀରେ ଗଙ୍ଗା ଆବାହନ, ବେଲବରଣ ପୂଜା

ମୁନିଗୁଡା,୯।୧୦ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡା ଜିଲା ମୁନିଗୁଡାସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଦୁର୍ଗାପୂଜାରେ ଷଷ୍ଠୀ ଦିବସରେ ସୂର୍ଯ୍ୟପୂଜା, ବେଲ ବରଣ, ବିଲ୍ୱ ଅଧିବାସୀ,ଗଙ୍ଗା ଆବାହନ ପୂଜା ଅନୁଷ୍ଠିତ ହୋଇଯାଇଛି। ପୁରୋହିତ ଜଗବନ୍ଧୁ ପଣ୍ଡାଙ୍କ ପୌରୋହିତ୍ୟରେ ମୁନିଖୋଲସ୍ଥିତ ନାଳ ନିକଟରେ ବୈଦିକ ରୀତିନୀତି ଅନୁସାରେ କଳସ ସ୍ଥାପନ କରି ସଂକଳ୍ପ କରାଯାଇଥିଲା। ଏହି ଅବସରରେ ପାରମ୍ପରିକ ବାଦ୍ୟ ସହ କଳସ ଯାତ୍ରାରେ ବାହାରି ସହର ପରିକ୍ରମା କରି ମଣ୍ଡପଠାରେ ପହଞ୍ଚିଥିଲେ । ବେଲବରଣ ପୂଜା ଓ ନବ ପତ୍ରିକା ପ୍ରବେଶ ଆଦି ପୂଜା କରି କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ ବୃନ୍ଦାବନ ପାଢ଼ୀ, ଲକ୍ଷ୍ମୀ ପାଢ଼ୀ ଓ ଗୌରହରୀ ବନଛୋର କାର୍ଯ୍ୟ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହଯୋଗୀ ପୁରୋହିତ ନିକୁଞ୍ଜ ଶତପଥୀ, ସଦାନନ୍ଦ ମହାପାତ୍ର, ସୁରେଶ ରଥ, ମଙ୍ଗଳା ସାବତ, କାଳିଆ ସାବତ, ଅଶୋକ କର, ସୁଧାଂଶୁ ଶେଖର ରଥ, ଗଣେଶ ରଣା ପ୍ରମୁଖ ପୂଜାରେ ସହଯୋଗ କରିଥିଲେ । ଉକ୍ତ ପୂଜା ୯ ତାରିଖ ଷଷ୍ଠୀରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରତ୍ୟେକ ଦିନ ମଣ୍ଡପରେ ମା'ଙ୍କ ବିଭିନ୍ନ ପୂଜାସହ ହୋମଯଜ୍ଞ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ଦୁର୍ଗାପୂଜା କମିଟିର ସଭାପତି ହାଡ଼ିଆ ଗୌଡ଼ ଓ ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି । ପୂଜା ସମୟରେ ଅନ୍ୟମାନଙ୍କ ମଧ୍ୟରେ ଉତ୍ତମ କୁମାର ଦାସ, ରତ୍ନାକର ସାହୁ, ଭାତରବନ୍ଧୁ ନାୟକ ପ୍ରମୁଖଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସେହିପରି ଦଶହରା ସନ୍ଧ୍ୟାରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ନିକଟସ୍ଥ ପଡିଆରେ ମୁନିଗୁଡା ମାର୍ଚ୍ଚେଣ୍ଟ ଆସୋସିଏଶନ ଓ ରାମଲୀଳା କମିଟି ମିଳିତରେ ରାବଣ ପୋଡିର ଆୟୋଜନ ସହ ଆତଶବାଜୀ ପ୍ରଦର୍ଶନ କରାଯିବ ବୋଲି ଜଣାପଡିଛି ।



ଷଷ୍ଠୀ ଅବସରରେ ପୂଜାର୍ଚ୍ଚନା ଚାଲିଛି।

# ଆଦର୍ଶ ଜୀବନଶୈଳୀ ଆପଣେଇବାକୁ ପରାମର୍ଶ

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ମୁନିଗୁଡ଼ା,୯।୧୦
(ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡା ସରକାରୀ ନୋଡାଲ ହାଇସ୍କୁଲ ପରିସରରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷା ଅଧିକାରୀ ଭି. ଭାସ୍କର ରାଓଙ୍କ ସଭାପତିତ୍ୱ ଓ ଶିକ୍ଷକ ସୁବାସ କୁରା ଓ ଅକ୍ଷୟ ରଥଙ୍କ ମିଳିତ ସଂଯୋଜନାରେ ସୁରଭି –୨୦୨୪ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ମୁନିଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡ୍ରୁକା, ମୁଖ୍ୟବକ୍ତା ମୁନିଗୁଡ଼ା ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଷୀକେଶ ଜାଲି,ସମ୍ମାନିତ ଅତିଥି ଭାବେ ମୁନିଗୁଡ଼ା ବ୍ଲକ ଏମ୍‌ପି ପ୍ରତିନିଧି ରଜନୀକାନ୍ତ ପାଡ଼ାଲ ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଏହାର ଆଭିମୁଖ୍ୟ ଉପରେ ବ୍ଲକ ଶିକ୍ଷା ଅଧିକାରୀ ରାଓ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର ଆଦର୍ଶ ଜୀବନଶୈଳୀ ଆପଣେଇ ଭବିଷ୍ୟତରେ ଜଣେ ସୁନାଗରିକ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ୧୭୭ ସହ ୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୩୨୪ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତା ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ, ହସ୍ତାକ୍ଷର, ଶ୍ରୁତ ଲିଖନ, ସୃଜନଶୀଳ ଲେଖନ, ଚିତ୍ରାଙ୍କନ,ବକ୍ତୃତା,କୁଇଜ, ଡିବେଟ, ହସ୍ତକଳା ଏବଂ ଚିତ୍ରକଳା ମାଧ୍ୟମରେ ଛାତ୍ରୀଛାତ୍ର ମାନେ ସେମାନଙ୍କ ଉତ୍କର୍ଷ ପ୍ରଦର୍ଶନ କରିଥିଲେ। ସମସ୍ତ ବିଭାଗରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପଦକ ଦେଇ ପୁରସ୍କୃତ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀ ଆଗାମୀ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ରାଓ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ମାଝୀ, ହେମନ୍ତ ମିଶ୍ର, ସିଆରସିସି ମନୋରଞ୍ଜନ ସ୍ୱାଇଁ, ବିଷ୍ଣୁପ୍ରିୟା ସାହୁକାର, ଅଶ୍ୱିନୀ ବାରିକ, ଅନନ୍ତ ବାସୁଦେବ ପଣ୍ଡା, ବେନିଆ ପଲକିଆ, ମାନସୀ ମହାନ୍ତି, ଅତସି ତ୍ରିପାଠୀ, ପ୍ରତାପ ପ୍ରଧାନ, ସୁଶାନ୍ତ ପରିଡ଼ା, ବାଲାଜୀ ପଟ୍ଟନାୟକ, ନରସିଂହ ମିଶ୍ର, ପି.ସୁରେଶ ପଟ୍ଟନାୟକ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।




ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

# ପର୍ଯ୍ୟଟନସ୍ଥଳୀ ବୁଲିଲେ ୫୦ ଆଦିବାସୀ ଯୁବତୀ ଯୁବକ

ମାଲକାନଗିରି, ୯।୧୦(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍ମା ଜିଲା ସିଆରପିଏଫ କମାଣ୍ଡାଣ୍ଟ ରତିକାନ୍ତ ବେହେରାଙ୍କ ନିର୍ଦ୍ଦେଶକ୍ରମେ ସୁକ୍ମା ଜିଲାର ବିଭିନ୍ନ ଗ୍ରାମରେ ୫୦ ଆଦିବାସୀ ଯୁବତୀଯୁବକଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସିଆରପିଏଫ ଦ୍ୱିତୀୟ ବାଟାଲିୟନ ମାଲକାନଗିରି ଏବଂ ଓଡିଶା ନିକଟସ୍ଥ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିବାକୁ ଆସିଥିଲେ। ବୁଧବାର ମାଲକାନଗିରି ସଦର ମହକୁମା ସତୀଗୁଡା ପର୍ଯ୍ୟଟନସ୍ଥଳୀକୁ ବୁଲି ଦେଖିଥିଲେ। ଏଠାରେ ଯୁବତୀ ଯୁବକମାନେ ପରିଭ୍ରମଣକରି ଖୁସିବ୍ୟକ୍ତ କରିଥିବା ଦେଖିବାକୁ ମିଳିଛି। ଏଥିସହ ମାଲକାନଗିରି ବ୍ଲକ ଅନ୍ତର୍ଗତ ଯଦୁଗୁଡା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ, ମାଲକାନଗିରି ସହର ନିକଟ ଏୟାର ଷ୍ଟ୍ରିପ୍ ଆଦି ସ୍ଥାନ ପରିଭ୍ରମଣ କରିଥିଲେ।



ପର୍ଯ୍ୟଟନ ସ୍ଥଳି ବୁଲିବାକୁ ଆସିଥିବା ଯୁବତୀ ଯୁବକ ।

ଏହି ଅବସରରେ କମାଣ୍ଡାଣ୍ଟ ବେହେରା କହିଥିଲେ, ଏଭଳି ଯାତ୍ରା ମାଧ୍ୟମରେ ସମସ୍ତେ ସଚେତନ ଏବଂ ବିକାଶ ନିରୀକ୍ଷଣ କରିବେ। ଦେଶର ଐତିହାସିକସ୍ଥଳ ଦେଖିବାର ସୁଯୋଗ ପାଇପାରିବେ। ସେ ଆହୁରି କହିଛନ୍ତି, ଆପଣଙ୍କ ପରି ଅଧିକ ପିଲାଙ୍କୁ ସଚେତନ କରିବା ପାଇଁ

### ସିଆର୍‌ପିଏଫ୍‌ର ଜନସମ୍ପର୍କ କାର୍ଯ୍ୟକ୍ରମ

ଭବିଷ୍ୟତରେ ଦ୍ୱିତୀୟ କର୍ପସ ଫଣ୍ଡ ଦ୍ୱାରା ମଧ୍ୟ ଏହି ପଦକ୍ଷେପ ଜାରି ରହିବ । ତେଣୁ ଆଦିବାସୀ ଯୁବତୀ ଯୁବକମାନେ ନିଜ ଦେଶର ଚିତ୍ର ଦେଖିବାର ସୁଯୋଗ ପାଇବାକୁ ଲାଗିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ସ୍ଥାନୀୟ ଯୁବତୀ ଯୁବକମାନେ ସେମାନଙ୍କ ଅଭିଜ୍ଞତା ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଆଲୋଚନା କରିବେ। ଫଳରେ ସେମାନେ ଦେଶର ବିକାଶ ତଥା ପ୍ରଗତିରେ ସହାୟକ କରିପାରିବେ। ଏହି ଅବସରରେ ଦ୍ୱିତୀୟ କମାଣ୍ଡାଣ୍ଟ ଅଧିକାରୀ ପବନ କୁମାର, ଡାକ୍ତର ପଙ୍କଜ କୁମାର, ରାକେଶ କୁମାର ଠାକୁର, ଗଣେଶ ପ୍ରତାପ ସିଂ ଓ ଅତିରିକ୍ତ କମାଣ୍ଡାଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ଏସ୍‌ସିଏସ୍‌ଟି ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ

ମାଲକାନଗିରି, ୯।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲାକନଗିରି ଜିଲା ଏସ୍‌ସିଏସ୍‌ଟି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ସଦର ମହକୁମା କୁମୁଟିଗୁଡା ଆଦିବାସୀ କମ୍ୟୁନିଟି କେନ୍ଦ୍ରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନ ଅଧ୍ୟକ୍ଷ ଜରାଶବର ମାଡି ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ଚାକିରିରେ ଜିଲା ଭିତ୍ତିକ ନିଯୁକ୍ତି ଦେବାକୁ ଦାବିକରି ଗତ ୪ ତାରିଖ ଦିନ ଅବିଭକ୍ତ କୋରାପୁଟ ଜିଲା ବନ୍ଦ ଡାକରା ଦିଆଯାଇଥିଲା। ଗଣତାନ୍ତ୍ରିକ ପଦ୍ଧତିରେ ଆମେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହେଇଛୁ। ଅବିଭକ୍ତ କୋରାପୁଟ ଜିଲା ଉପାନ୍ତ ଅଞ୍ଚଳର ଅଧିକାଂଶ ଛାତ୍ରୀଛାତ୍ର ଅଗ୍ରଣୀ ଜିଲାର ଛାତ୍ରୀଛାତ୍ରଙ୍କୁ ଶିକ୍ଷାକ୍ଷେତ୍ରରେ ଟକ୍କର ଦେବା ସମ୍ଭବ ନୁହେଁ। ତେଣୁ ଗ୍ରୁପ ସି ଓ ଡି ପଦବୀ ନିଯୁକ୍ତିରେ ଜିଲା ଭିତ୍ତିକ ଚାକିରି ପାଇଁ ୨୦୧୩ରୁ ଦାବିକରି ଆସୁଛୁ। ପଡୋଶୀ ଆନ୍ଧ୍ର ଏବଂ ତେଲଙ୍ଗାନାରେ ମଧ୍ୟ ଉକ୍ତ ପଦପଦବୀଗୁଡିକ ରାଜ୍ୟ ଭିତ୍ତିକ ନ କରି ଜୋନ୍ ଭିତ୍ତିକ କରିଛନ୍ତି। ଏଣୁ ରାଜ୍ୟ ସରକାର ଗ୍ରୁପ୍ ସି ଓ ଡି ପଦବୀଗୁଡିକ ଜିଲା ଭିତ୍ତିକ କିମ୍ବା ଜୋନ୍ ଭିତ୍ତିକ ନ କରି ଆଗାମୀ ଦିନରେ ଅବିଭକ୍ତ କୋରାପୁଟ ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଆମେ ସଂଗଠିତ ହୋଇ ଜିଲାକୁ ଏକ ସ୍ୱତନ୍ତ୍ର ରାଜ୍ୟ କିମ୍ବା ୟୁନିଅନ ଟେରିଟୋରି ଅଫ ଷ୍ଟେଟ ଗଠନ ଦିଗରେ କାର୍ଯ୍ୟ କରିବାକୁ ସଭାରେ ମତ ପ୍ରକାଶ ପାଇଥିଲା।

ବୈଠକରେ କ୍ରିୟାନୁଷ୍ଠାନ କମିଟି ଉପଦେଷ୍ଟା ପ୍ରଭାକର ହନ୍ତାଳ, ଘନଶ୍ୟାମ ମାଡକାମି, କାର୍ଯ୍ୟକାରୀ ସଭାପତି ସନୁ ଅନୁଗୁ, ଉପସଭାପତି ବି. କାମେଶ୍ୱର ରାଓ, ଘେନୁମୁଦୁଲି, ସହ ସମ୍ପାଦକ ଉମେଶ ଜାନିଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଓ ଛାତ୍ରୀଛାତ୍ର ବୈଠକରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଟ୍ରକ, ସ୍କୁଟି ଧକ୍କା: ଜଣେ ମୃତ, ଅନ୍ୟ ଗୁରୁତର

କୋରାପୁଟ,୯।୧୦(ଅମିତାଭ ବେହେରା)

କୋରାପୁଟରୁ ବିଶାଖାପାଟଣା ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଡୁମୁରିପୁଟରେ ଏକ ସ୍କୁଟି ସହ ଟ୍ରକ ଧକ୍କା ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। କୋରାପୁଟ ସହରର ପୂଜାରୀପୁଟ ଅଞ୍ଚଳର ପାର୍ଥସାରଥୀ ଦାସ ଏକ ସ୍କୁଟର (ଓଡି-୧୦ଏ-୬୨୧୬)ରେ ପୁଟସିଲ ଯାଉଥିବା ବେଳେ ଡୁମୁରିପୁଟ ନିକଟରେ ସାମନା ପଟୁ ଆସୁଥିବା ଏକ ଟ୍ରକ ସହ ଧକ୍କା ହୋଇଥିଲେ। ଫଳରେ ପାର୍ଥ ସାରଥୀଙ୍କ ମୁଣ୍ଡରେ ଭୀଷଣ ଆଘାତ ବାଜି ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ତାଙ୍କ ପଛରେ ବସିଥିବା ପ୍ରଭୁଦତ୍ତ ଦାସ ଆହତ ହୋଇଥିଲେ। ସୁନାବେଡା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟକୁ ପଠାଯାଇ ଥିବା ଆହତ ପ୍ରଭୁଦତ୍ତଙ୍କ ଚିକିତ୍ସା ଚାଲିଛି। ଏ ନେଇ ସୁନାବେଡା ଥାନାରେ ୧୮୩/୨୪ରେ ଏକ ମାମଲା ରୁଜୁ କରାଯାଇ ଟ୍ରକକୁ ଜବତ ସହ ଡ୍ରାଇଭରଙ୍କୁ ଅଟକ ରଖାଯାଇଛି।

### ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଅତିରିକ୍ତ ସ୍ଲିପର୍ କୋଚ୍

ଜୟପୁର,୯।୧୦(ପବନ ପାଣିଗ୍ରାହୀ)

ପାର୍ବଣରେ ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟି ରଖି ରେଳ ବିଭାଗ ପକ୍ଷରୁ ଜୟପୁର ଦେଇ ଯାଉଥିବା ହିରାଖଣ୍ଡ ଏକ୍ସପ୍ରେସ୍‌ରେ ସପ୍ତାହ ପାଇଁ ଏକ ଅତିରିକ୍ତ ସ୍ଲିପର୍ କୋଚ୍ ଯୋଡ଼ା ଯିବା ଜଣାପଡ଼ିଛି। ଅକ୍ଟୋବର ୧୦ରୁ ୧୬ ତାରିଖ ମଧ୍ୟରେ ଚଳପ୍ରଚଳ କରୁଥିବା ଜଗଦଲପୁର-ଭୁବନେଶ୍ୱର ହିରାଖଣ୍ଡ ଏକ୍ସପ୍ରେସ୍ (ନଂ-୧୮୪୪୭)ର ଆଉ ଏକ ସ୍ଲିପର୍ କ୍ଲାସ୍ କୋଚ୍ ସଂଯୋଗ କରାଯିବ। ଫେରୁଥିବା ଭୁବନେଶ୍ୱର-ଜଗଦଲପୁର(ନଂ ୧୮୪୪୮)ରେ ଅକ୍ଟୋବର ୧୧ ରୁ ୧୭ ତାରିଖ ମଧ୍ୟରେ ଏହି ଅତିରିକ୍ତ ବଗି ରହିବ। ସେହିପରି ରାଉରକେଲା-ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସ୍‌ରେ ବୁଧବାରଠାରୁ ୧୩ ତାରିଖ ଯାଏ ଏବଂ ଜଗଦଲପୁର-ରାଉରକେଲାରେ ଗୁରୁବାରଠାରୁ ୧୫ ତାରିଖ ଯାଏ ଆଉ ଏକ ସ୍ଲିପର୍ କ୍ଲାସ୍ କୋଚ୍‌ର ସୁବିଧା ରହିବ ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି।

## ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

ମାଲକାନଗିରି,୯।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଂସ୍କୃତି ଭବନରେ ବିଜୁ ଜନତା ଦଳ ତରଫରୁ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବିଜେଡି କର୍ମକର୍ତ୍ତାଙ୍କ ସହ କଥା ହେଲେ ସୁପ୍ରିମୋ ନବୀନ ପଟ୍ଟନାୟକ। ଏଥିରେ ପଟ୍ଟନାୟକ ଜିଲାର ସମସ୍ତ ବିଜେଡି କର୍ମକର୍ତ୍ତାଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରିବାସହ ବିଜେଡିର ଆଗାମୀ ରଣନୀତି ଉପରେ ବାର୍ତ୍ତା ଦେଇଥିଲେ। ଜନତାଙ୍କ ସ୍ୱାର୍ଥ ବିଜେଡି ପାଇଁ ସର୍ବୋପରି, ଏହି ସଦସ୍ୟତା ଅଭିଯାନ ଓଡ଼ିଶାର ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବ। ଅନ୍ୟାୟ ବିରୋଧରେ ସ୍ୱର ଉଠିବ, ଭାଜପାର ପ୍ରତିଟି ପ୍ରତାରଣାର ଜବାବ ମିଳିବ ବୋଲି ବିଜେଡିର ଏହି ସଦସ୍ୟତା ଅଭିଯାନରେ ସାମିଲହୋଇ ଓଡ଼ିଶାର ସ୍ୱାର୍ଥପାଇଁ ଏକଜୁଟ ହେବାକୁ ପଟ୍ଟନାୟକ



ବିଜେଡି ସଭ୍ୟ ସଂଗ୍ରହ ଅଭିଯାନରେ ଦଳୀୟ କର୍ମକର୍ତ୍ତାମାନେ ।

କର୍ମୀଙ୍କୁ ଉପଦେଶ ଦେଇଥିଲେ। ସଦସ୍ୟତା ଅଭିଯାନ ରାଜନୈତିକ ଦଳକୁ ସୁଦୃଢ଼ କରେ। ବିଜେଡିର ସକ୍ରିୟ କର୍ମୀ ପ୍ରତିଘରକୁ ଯାଆନ୍ତୁ, ଦଳର ଆଦର୍ଶ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ବୁଝାନ୍ତୁ ବୋଲି ସୁପ୍ରିମୋ କରିଥିଲେ। ବିଗତ ଦିନରେ ବିଜେଡି ସରକାର ସମୟରେ ବହୁତ ଭଲ କାମ ହୋଇଛି। ଅନେକ ଯୋଜନାକୁ ଭାରତ ସରକାର ବି ଆପଣାଇଛନ୍ତି। ଭୋଟବ୍ୟାଙ୍କ ସୃଷ୍ଟି କରିବା ବିଜେଡିର କେବେ ଲକ୍ଷ୍ୟ ନ ଥିଲା। ବିକାଶ ଓ କଲ୍ୟାଣ କରିବା ଆମର ଲକ୍ଷ୍ୟ ବୋଲି ଦଳୀୟ ନେତାମାନେ କହିଥିଲେ।

କାର୍ଯ୍ୟକ୍ରମ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ତଥା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଗୋପାଳକୃଷ୍ଣ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ, ଜିଲା ବିଜୁ ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଜିଲା ଓକିଲ ସଂଘ ସଭାପତି ତଥା ବରିଷ୍ଠ ବିଜେଡି ନେତା ପ୍ରୀତପଲ ସିଂ, ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ଜିଲା ଛାତ୍ର ସଭାପତି ତାପଶ ନାୟକ, ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତଙ୍କ ସହ ବିଜେଡିର ସମସ୍ତ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମତ୍ସ୍ୟଜୀବୀଙ୍କୁ ଜାଲ, ଡଙ୍ଗା, ଲାଇଫ୍ ଜ୍ୟାକେଟ ବଣ୍ଟନ

ଚିତ୍ରକୋଣ୍ଡା,୯।୧୦(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ଡ୍ୟାମ ସ୍ୱିଲୱେଲ ଗ୍ରାମରେ ବୁଧବାର ଜିଲା ମତ୍ସ୍ୟ ବିଭାଗ ଏବଂ ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିଃ ପକ୍ଷରୁ ସେତୁ ଯୋଜନାରେ ସ୍ୱାଭିମାନ ଅଞ୍ଚଳର ମତ୍ସ୍ୟଜୀବୀମାନଙ୍କୁ ଡଙ୍ଗା, ଜାଲ ଓ ଲାଇଫ ଜ୍ୟାକେଟ ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ବଳଭଦ୍ର ମାଝି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲା ପରିଷଦ ସଦସ୍ୟା ମିନତୀ ଖିଲ, ଜୟପୁର ମତ୍ସ୍ୟ ବିଭାଗ ଜୋନାଲ ଡେପୁଟି ଡାଇରେକ୍ଟର ସନ୍ତୋଷ କୁମାର ଦଳେଇ, ଜିଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ଼ ଯୋଗଦେଇ ମତ୍ସ୍ୟଜୀବୀମାନଙ୍କ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସେମାନେ କିଭଳି ଅଧିକ ଆୟ କରିବେ ଓ ସୁରକ୍ଷିତ ଭାବେ ମାଛ ଧରିବେ ସେଥିପାଇଁ ରାଜ୍ୟ ସରକାର ବଦ୍ଧ ପରିକର ବୋଲି କହିଥିଲେ। ଏ ଅବସରରେ ମତ୍ସ୍ୟଜୀବୀମାନଙ୍କୁ ୪୦ ଡଙ୍ଗା, ୧୫୦ ମାଛ ଧରାଜାଲ ଓ ୮୦ ଲାଇଫ ଜ୍ୟାକେଟ ବଣ୍ଟନ କରିଥିଲେ।

ସୂଚନାଯୋଗ୍ୟ, ବାଲିମେଳା ଜଳ ଭଣ୍ଡାରରେ ୨୦୧୮-୧୯ ଆର୍ଥିକ ବର୍ଷରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୧୪ ଲକ୍ଷ ମାଛ ଯାଆଁଳା ଛଡ଼ାଯାଇଥିବା ବେଳେ ୨୦୧୯-୨୦ ରେ ୨୦ ହଜାର ହେକ୍ଟରରେ ଘେରୀ କରାଯାଇ ୪୨ ଲକ୍ଷ ଯାଆଁଳ ଛଡ଼ାଯାଇଥିଲା। ତେବେ ଏହି ଅଞ୍ଚଳରେ ହଜାର ହଜାର ଲୋକ ମାଛଧରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଆଗକୁ କିପରି ସେମାନଙ୍କ ଆୟ ଅଧିକ ହେବ ଓ ମତ୍ସ୍ୟ ଉତ୍ପାଦନ ବଢିବ ସେନେଇ ପଦକ୍ଷେପ ନିଆଯିବ ବୋଲି ଏମ୍‌ପି ମାଝି କହିଥିଲେ।



ମତ୍ସ୍ୟଜୀବୀମାନଙ୍କୁ ଜାଲ ଓ ଲାଇଫ ଜ୍ୟାକେଟ ଦିଆଯାଉଛି ।

## ପଞ୍ଚାୟତସ୍ତରୀୟ ଆଇନ ସହାୟତା ଶିବିର





ପଞ୍ଚାୟତସ୍ତରୀୟ ଆଇନ ସହାୟତା ପକ୍ଷରୁ ଲୋକଙ୍କଠାରୁ ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଉଛି।

ଜୟପୁର,୯।୧୦(ପବନ ପାଣିଗ୍ରାହୀ)

କୋରାପୁଟ-ଜୟପୁର ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ପଞ୍ଚାୟତସ୍ତରୀୟ ଆଇନ ସହାୟତା ଅଭିଯାନ ଆରମ୍ଭ ହୋଇଯାଇଛି। ଆଇନ ସହାୟତା କେନ୍ଦ୍ର ପକ୍ଷରୁ ତାଲିମପ୍ରାପ୍ତ ପାରା ଲିଗାଲ ସ୍ୱେଚ୍ଛାସେବୀମାନଙ୍କ ମାଧ୍ୟମରେ ବିଭିନ୍ନ ପଞ୍ଚାୟତର ଗ୍ରାମରେ ଆଇନଗତ ସମସ୍ୟା ବିଷୟରେ ଅନ୍ୟମାନଙ୍କୁ ସଚେତନତା କରିବା ସହ ହିତାଧିକାରୀଙ୍କଠାରୁ ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଦିଲ୍ଲୀ ଜାତୀୟ ଆଇନସେବା ପ୍ରାଧିକରଣ ଏବଂ ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶରେ ଏହି ଅଭିଯାନ ଆରମ୍ଭ କରାଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ପ୍ରଦୀପ କୁମାର ମହନ୍ତ,ବିଚାରପତି ସୁମନ ଜେନା ଅଭିଯାନ ଆରମ୍ଭ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜର ଅଧିକାରରୁ ବଞ୍ଚିତ ନ ହେବା,ଲୋକଙ୍କ ପାଖକୁ ଆଇନ ସହାୟତା ପହଞ୍ଚାଇବା,ସହଜରେ ନ୍ୟାୟ ପାଇବା,ବରିଷ୍ଠଙ୍କଠାରୁ ପିଲାଙ୍କ ପର୍ଯ୍ୟନ୍ତ ସମସ୍ତେ ଆଇନ ବିଷୟରେ ଅବଗତ ହେବା ସହିତ ଅନ୍ୟକୁ ଅବଗତ କରାଇବା ଅଭିଯାନର ଲକ୍ଷ୍ୟ ଥିଲା। କୋରାପୁଟ, କୋଟପାଡ,ଦଶମନ୍ତପୁର,ସେମିଲିଗୁଡା ଲିଗାଲ କମିଟି ଓ ଜୟପୁର ଜିଲା ଆଇନ ସେବା ପ୍ରାଧିକରଣ ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ମିଳିତ ଉଦ୍ୟମରେ ବିଭିନ୍ନ ପଞ୍ଚାୟତକୁ ଗସ୍ତ କରି ଲୋକମାନଙ୍କଠୁ ବିଭିନ୍ନ ସମସ୍ୟାକୁ ନେଇ ମୋଟ ୫୨୭ ଅଭିଯୋଗ ଗ୍ରହଣ କରାଯାଇଛି। ଦରଖାସ୍ତଗୁଡିକ ବିଭିନ୍ନ ବିଭାଗକୁ କାର୍ଯ୍ୟକାରୀ ପାଇଁ ପ୍ରେରଣ କରାଯିବ ବୋଲି ଜିଲା ଆଇନସେବା ପ୍ରାଧିକରଣ ସଚିବ କହିଛନ୍ତି। ବ୍ଲକ ଅଧିକାରୀମାନେ ମଧ୍ୟ ସହଯୋଗ କରିଥିଲେ।

## ଜୟପୁରରେ ଭଜନ ସମାରୋହ

ଜୟପୁର,୯।୧୦(ପବନ ପାଣିଗ୍ରାହୀ)

ଜୟପୁର ସୌରାସାହିସ୍ଥିତ ବସନ୍ତାୟୀ ମନ୍ଦିରରେ ଦଶହରା ମହୋତ୍ସବର ଭଜନ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ତହସିଲଦାର ସବ୍ୟସାଚୀ ଜେନା,ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ। ଓଲିଉଡର ପ୍ରଖ୍ୟାତ କଣ୍ଠଶିଳ୍ପୀ ସୁଧାକର ମିଶ୍ର, ଅନସୂୟା ନାଥ, ଅଭିଜିତ ମିଶ୍ର ଓ ନୀହାରିକା ମେହେରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

## ଉତ୍କଳମଣି ଗୋପବନ୍ଧୁ ଦାସ ଜୟନ୍ତୀ

ଜୟପୁର,୯।୧୦(ପବନ ପାଣିଗ୍ରାହୀ

କୋରାପୁଟ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଜୟପୁର ଗୋପବନ୍ଧୁ ନଗରସ୍ଥିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ସଭାପତି ମଦନ ମୋହନ ନାୟକ,ରାଜ୍ୟ ପରିଷଦ ସଦସ୍ୟ ଶ୍ରୀନିବାସ ବାଲାରାୟ, ଉପସଭାପତି ରାଜେନ୍ଦ୍ର କୁମାର ଗୌଡ଼, ସନ୍ତୋଷ ସାହୁ, ଭାଗିରଥୀ ଟାକ୍ରୀ, ମଧୁସୂଦନ ଟାକ୍ରୀ, ଗୌର ଶବର, ସୁଦେଶ ପାତ୍ର ଓ ଚନ୍ଦ୍ର ଚାଲାଣ ପ୍ରମୁଖ ଉପସ୍ଥିତ ଥିଲେ।

## ପାର୍ବଣରେ କାକିରିଗୁମ୍ମା ଚଳଚଞ୍ଚଳ

ଲକ୍ଷ୍ମୀପୁର,୯।୧୦(ଅନନ୍ତ ନାୟକ)

ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଛି। ପଞ୍ଚପଟମାଳି ଗାଡ଼ି ଚାଳକ ସଂଘ ପକ୍ଷରୁ ୧୦ ବର୍ଷ ପୂର୍ତ୍ତି ପୂଜାର ପ୍ରସ୍ତୁତି ଚାଲିଛି। ଆକର୍ଷଣୀୟ ତୋରଣ ସାଜସଜ୍ଜା ଓ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର କଳସ ଯାତ୍ରା ସହ ଦେବୀଙ୍କର ଷଷ୍ଠୀ ପୂଜା ହୋଇଛି। ୧୦ ତାରିଖରେ ସପ୍ତମୀ ବିହିତ ପୂଜା,୧୧ ତାରିଖରେ ମହାଷ୍ଟମୀ ଦେବୀଙ୍କ ଷୋଡ଼ଶ ଉପଚାର ପୂଜା(ସନ୍ଧି ପୂଜା),୧୨ ତାରିଖରେ ନବମୀ(କୁମାରୀ ପୂଜା),୧୩ ତାରିଖରେ ଆୟୁଧ ପୂଜା (ବିଜୟା ଦଶମୀ)ଓ ୧୪ ତାରିଖରେ ଭସାଣି ଉତ୍ସବ ପାଳିତ ହେବ। ଅଞ୍ଚଳରେ ଏକମାତ୍ର ଦୁର୍ଗାପୂଜା ଯୋଗୁ ବହୁ ଜନସମାଗମ ହୋଇଥାଏ।



ଦୁର୍ଗାପୂଜା ଅବସରରେ ବାହାରିଥିବା କଳସ ଶୋଭାଯାତ୍ରା ।

## ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ

କୋରାପୁଟ,୯।୧୦(ଅମିତାଭ ବେହେରା)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି।



ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥିମାନେ।

ଉପଜିଲାପାଳଙ୍କ ସରକାରୀ ବାସଗୃହ ନିକଟରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ସେବା ମନୋଭାବ ଓ ଜୀବନୀ ଉପରେ ସ୍ମୃତିଚାରଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ସିଡିଓ ଦେବାଶିଷ ପଟ୍ଟନାୟକ,ଉପଜିଲାପାଳ ବେଣୁଧର ଶାବର, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିସା ପ୍ରମୁଖ ଉପସ୍ଥିତ ଥିଲେ। ଗୋପବନ୍ଧୁ ସେବା ସମିତି ସଭାପତି ଭବାନୀ ଶଙ୍କର ମିଶ୍ର,ଲଳିତ ମୋହନ ପଟ୍ଟନାୟକ, କାମାକ୍ଷା ପ୍ରସାଦ ମାଝୀ, ସୌମେନ୍ଦ୍ର ସ୍ୱାଇଁ, ଖବରଦାତା ଅମିତାଭ ବେହେରା,ଘନଶ୍ୟାମ ରଥ ଓ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଲୋକସମ୍ପର୍କ କାର୍ଯ୍ୟାଳୟର ସତ୍ୟ ପ୍ରଧାନ ପରିଚାଳନା କରିଥିଲେ।

### ଶାରଦୀୟ ଦୁର୍ଗାପୂଜା

## ଦାମନଯୋଡି ଶିଳ୍ପାଞ୍ଚଳ ଉତ୍ସବମୁଖର

ଦାମନଯୋଡି,୯।୧୦(ମାନସ ରଞ୍ଜନ କର)

କୋରାପୁଟ ଜିଲାର ଦାମନଯୋଡି ଶିଳ୍ପାଞ୍ଚଳ ଶାରଦୀୟ ଦୁର୍ଗାପୂଜା ପାଇଁ ଉତ୍ସବମୁଖର ହୋଇଛି। ୬ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜା କରାଯିବା ସହ ଅଞ୍ଚଳର ଆରାଧ୍ୟ ଦେବୀ ମା' କଣ୍ଟାବାଉଁଶୁଣୀଙ୍କ ପୀଠ,ମା'ତାରିଣୀ ପୀଠ ଓ ମା'ମଙ୍ଗଳା ପୀଠରେ ରୀତିନୀତିରେ ପୂଜା ହେବ। ଏ ନେଇ ବଡ ବଡ ତୋରଣ ସହ ରଙ୍ଗୀନ ଆଲୋକମାଳାରେ ସାଜସଜ୍ଜା ହୋଇଛି। ପୂଜା ମଣ୍ଡପଗୁଡ଼ିକରେ ବୁଧବାର ସନ୍ଧ୍ୟାରେ ବିଲ୍ୱବରଣ ଓ ଷଷ୍ଠୀ ପୂଜା,ଗୁରୁବାର ମହାସପ୍ତମୀ,ଶୁକ୍ରବାର ମହାଷ୍ଟମୀ,ଶନିବାର ମହାନବମୀ ଓ ରବିବାର ଦଶମୀ ପୂଜା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ମାଥାଲପୁଟ ବଜାର କମିଟିର ମାର୍କେଟସ୍ଥିତ ଦୁର୍ଗାମଣ୍ଡପ, ଭାରୀ ଓ ହାଲୁକା ମୋଟରଯାନ କର୍ମଚାରୀ ସଂଘର କାର୍ଯ୍ୟାଳୟ ନିକଟସ୍ଥ ପୂଜା ମଣ୍ଡପ,ଭେଜାପୁଟ ମାର୍କେଟ କମିଟିର ଶିବମନ୍ଦିର ନିକଟ ମଣ୍ଡପରେ ମା'ଙ୍କ ପୂଜା ପାଇଁ ପ୍ରସ୍ତୁତି ସରିଛି। ସେହିପରି ନାଲକୋ ଟାଉନସିପ ସେକ୍ଟର-୧ ମାର୍କେଟସ୍ଥିତ ଦୁର୍ଗା ମଣ୍ଡପ ଏବଂ ସେକ୍ଟର-୩ ପୂଜା ମଣ୍ଡପ ଏବଂ ସିଆଇଏସ୍‌ଏଫ୍ ସୁରକ୍ଷା ବିହାର କଲୋନୀରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯିବ। ପାର୍ବଣକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବଡବଡ ତୋରଣ ସହ ଆଲୋକମାଳାରେ ଅଞ୍ଚଳ ଝଲସି ଉଠିଛି।



ଭାରୀ ଓ ହାଲୁକା ମୋଟରଯାନ କର୍ମଚାରୀ ସଂଘ କାର୍ଯ୍ୟାଳୟ ନିକଟରେ ଦୁର୍ଗାପୂଜା ପାଇଁ ରଙ୍ଗିନ ଆଲୋକମାଳା।

# ଠିକ୍ ସମୟରେ ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ମିଳୁ ନ ଥିବା ଅଭିଯୋଗ

ଡାବୁଗାଁ, ୯।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ସାଧାରଣ ବୈଠକ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ଉଦ୍ୟାନ, ଖାଉଟି କଲ୍ୟାଣ, ମଙ୍ଗଳ ବିଭାଗ, ବିଦ୍ୟୁତ୍, ଜଳ ଓ ପରିମଳ, ବନ ବିଭାଗ, ମୃତ୍ତିକା ସଂରକ୍ଷଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉନ୍ନୟନ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ଆଲୋଚନା ହୋଇଥିଲା।

ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକ୍ ସମୟରେ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ମିଳୁନାହିଁ, ଗର୍ଭବତୀ ଓ ତାଙ୍କ ସମ୍ପର୍କୀୟଙ୍କୁ ସ୍ୱାସ୍ଥ୍ୟ ସେବିକା ଖରାପ ବ୍ୟବହାର ଦେଖାଉଥିବା ସରପଞ୍ଚମାନେ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଲ୍ୟାବ୍ ଟେକ୍ନିସିଆନ



ବୈଠକରେ ଅତିଥି, ଅଧିକାରୀ ଓ ଲୋକପ୍ରତିନିଧି ।

ପ୍ରତିଦିନ ପୂର୍ବାହ୍ନ ୧୧ଟାରେ ଆସୁଛନ୍ତି। ରକ୍ତ ପରୀକ୍ଷା ପାଇଁ ଆସୁଥିବା ରୋଗୀଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ଏଥିସହ ସେ ମଧ୍ୟ ସେମାନଙ୍କୁ ଖରାପ ବ୍ୟବହାର କରି କାଲିକି ଆସ କହି ଫେରାଇ ଦେବା ସହ ବାହାରେ ରକ୍ତପରୀକ୍ଷା କରିବାକୁ କହୁଥିବା ଅଞ୍ଚଳା, ଜୁନାପାଣି, ଘୋଡାଖୁଣ୍ଟା ସମେତ ସମସ୍ତ ପଞ୍ଚାୟତ ସରପଞ୍ଚ ଅଭିଯୋଗ କରିଥିଲେ। ଅଭିଯୋଗ ସମ୍ପର୍କରେ ସ୍ୱାସ୍ଥ୍ୟାଧିକାରୀଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀଙ୍କ ପ୍ରତିନିଧି କହିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଭିନ୍ନ ପଞ୍ଚାୟତରେ ପଲ୍ଲିସଭା ଓ ଗ୍ରାମ ସଭାରେ ଅନୁମୋଦନ ହୋଇଥିବା ପ୍ରକଳ୍ପ ଯଥା ବ୍ଲକ କାର୍ଯ୍ୟାଳୟକୁ ଆସିଅଟକି ଯାଉଛି। ୨୦୨୨ ପଞ୍ଚାୟତ ନିର୍ବାଚନ ପରେ ପଲ୍ଲିସଭା ଓ ଗ୍ରାମସଭାରେ ଅନୁମୋଦିତ ହୋଇଥିବା ପ୍ରକଳ୍ପ ଜିଲା ପରିଷଦ କାର୍ଯ୍ୟାଳୟରୁ ଅନୁମୋଦିତ ହୋଇ ପଞ୍ଚାୟତ ସମିତିକୁ ଆସୁନାହିଁ। ଲାଞ୍ଚ ଦେଲେ କାମ ହେଉଥିବା ଅଭିଯୋଗ କରିଥିଲେ। ଶୀଘ୍ର କିପରି ପ୍ରକଳ୍ପ ଅନୁମୋଦନ ହେବ, ଜିଲାପାଳ ଓ ଜିଲା ପରିଷଦ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

ବୈଠକରେ ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଷୋୟୀ, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ ନେଟୀ, ସିଡିପିଓ ମିନତି ଦାଶ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଶ୍ରୀନିଗୋ ମୁର୍ମୁ, ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ବିଶ୍ୱାସ, ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଉମାକାନ୍ତ

## ଡାବୁଗାଁ ପଞ୍ଚାୟତ ସମିତି ସାଧାରଣ ବୈଠକ

ପଟ୍ଟନାୟକ, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ପବିତ୍ର ସାହୁ, ଏବିଇଓ ସନ୍ତୋଷ ସାହୁ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପୁଷ୍ପାଞ୍ଜଳି ସାମଲ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବର୍ଣ୍ଣବାସ ନାୟକ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ, ମୃତ୍ତିକା ସଂରକ୍ଷଣ ଅଧିଦର୍ଶକ ନିରୋଜ ମଲ୍ଲିକ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ଚୌଧୁରୀ ଓ ଦିଲୀପ ଦୀପକ ମିଶ୍ର, ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ ଓ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ ପରିଚାଳନା କରିଥିଲେ।

# କିଶୋରୀଙ୍କ ସୁରକ୍ଷା ପାଇଁ ଶିକ୍ଷା ନିହାତି ଜରୁରୀ




ନନ୍ଦାହାଣ୍ଡି, ୯।୧୦(ପ୍ରଦୀପ କୁମାର ଦାଶ)

ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ନନ୍ଦାହାଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ କରାଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର ମୁଖ୍ୟ ଅତିଥି, ନନ୍ଦାହାଣ୍ଡି ସିଡିପିଓ ସସ୍ମିତା ବାଳା ମହାନ୍ତି, ଆକ୍ସନଏଡ ସଂସ୍ଥାର ଜିଲା ପରାମର୍ଶଦାତା ଫକିର ଚରଣ ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମାଜରେ କିଶୋରୀମାନଙ୍କ ଉପରେ ଶାରୀରିକ ହିଂସା କିଭଳି ହେଉଛି ତାହା ବୁଝେଇବା ସହ ସେଥିରୁ ମୁକୁଳିବା ନିମନ୍ତେ ପ୍ରତ୍ୟେକ କିଶୋରୀଙ୍କୁ ଆତ୍ମସୁରକ୍ଷା କୌଶଳ ତାଲିମ ନେବା ନିତାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। କିଶୋରୀମାନଙ୍କ ଅଧିକାର, କିଶୋରୀ ସୁରକ୍ଷା ପାଇଁ ସମ୍ବିଧାନରେ ଥିବା ଆଇନ ସମ୍ପର୍କରେ ଅତିଥିମାନେ ସ୍କୁଲ ଛାତ୍ରୀମାନଙ୍କୁ ବୁଝାଇଥିଲେ। କିଶୋରୀଙ୍କ ସୁରକ୍ଷା ପାଇଁ

## ବାଲ୍ୟ ବିବାହକୁ ନା, ବିଦ୍ୟାଳୟକୁ ହଁ କାର୍ଯ୍ୟକ୍ରମ

ଶିକ୍ଷା ନିହାତି ଜରୁରୀ। ତେଣୁ ସମସ୍ତେ ଶିକ୍ଷିତ ହେବା ସହିତ ସ୍କୁଲ ଶିକ୍ଷାରୁ ବିମୁଖ ହୋଇ ଅଧାରୁ ପାଠ ଛାଡୁଥିବା ଝିଅମାନଙ୍କୁ ବୁଝାଇ ସ୍କୁଲକୁ ଆଣିବା ପାଇଁ ଚେଷ୍ଟା କରନ୍ତୁ ବୋଲି ଜିଲା ସମାଜ ମଙ୍ଗଳ ଅଧିକାରୀ କହିଥିଲେ। କମ ବୟସରୁ ବିବାହ କରିଲେ ଝିଅମାନଙ୍କର କ'ଣ ସବୁ ଶାରୀରିକ ଓ ସାମାଜିକ ସମସ୍ୟା ଦେଖା ଦିଏ ସେସବୁ ବିଷୟରେ ନନ୍ଦାହାଣ୍ଡି ସିଡିପିଓ ଆଲୋକପାତ କରିଥିଲେ। ବାଲ୍ୟ ବିବାହ ଭଳି ଅପରାଧରେ ସହଯୋଗ କରୁଥିବା ପରିବାର ଓ ଅନ୍ୟମାନଙ୍କ ପାଇଁ କଣ ସବୁ ଦଣ୍ଡ ବିଧାନ ରହିଛି ସେସବୁ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ମହିଳା ସୁପରଭାଇଜର ଶାନ୍ତିଲତା ଭୂମିଆ ଓ ମମତା ସଂଯୋଜିକା ସୁପ୍ରଭା ତ୍ରିପାଠୀ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଶା ଦଳରେ ଥିବା ନବରଙ୍ଗପୁରର ୩ ଜଣଙ୍କୁ ରୌପ୍ୟ

ନବରଙ୍ଗପୁର,୯।୧୦(ସଦାଶିବ ପ୍ରହରାଜ)

ଭୁବନେଶ୍ୱରରେ ଚଳିତ ମାସ ୭ରୁ ୧୦ ତାରିଖ ପୂର୍ବାଞ୍ଚଳ ଆଥ୍‌ଲେଟିକ୍ ପ୍ରତିଯୋଗିତା କରାଯାଉଛି। ଓଡ଼ିଶା ଦଳ ପକ୍ଷରୁ ଖେଳୁଥିବା ନବରଙ୍ଗପୁର ଜିଲା ଆଥ୍‌ଲେଟିକ୍ ଦଳ ଖେଳାଳି ଏଲ୍. ସ୍ନିଗ୍ଧା, ମହେନ୍ଦ୍ର ଶାନ୍ତା ଏବଂ କୁନି ରାଜଗଣ୍ଡ ପ୍ରତ୍ୟେକ ଗୋଟିଏ ଲେଖାଏ ରୌପ୍ୟ ପଦକ ହାସଲ କରିଛନ୍ତି। ଏଲ୍.ସ୍ନିଗ୍ଧା ୧୪ ବର୍ଷରୁ କମ ଟ୍ରାଇଥେଲେନ୍ ପ୍ରତିଯୋଗିତା, ମହେନ୍ଦ୍ର ସାନ୍ତା ୨୦ବର୍ଷରୁ କମ୍ ୧୦୦ମିଟର ଦୌଡ଼, କୁନି ରାଜଗଣ୍ଡ ୧୪ ବର୍ଷରୁ କମ୍ ଜାଭେଲିନ ଥ୍ରୋରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଖବର ଜଣାପଡ଼ିବା ପରେ ନବରଙ୍ଗପୁର ଜିଲାର କ୍ରୀଡ଼ାବିତ୍ ମହଲରେ ଖୁସି ଦେଖାଯାଇଛି। ଦଳର ସଫଳତା ନିମନ୍ତେ ଜିଲାପାଳ ତଥା କ୍ରୀଡ଼ାସଂଘ ସଭାପତି ଡ. ଶୁଭଙ୍କର ମହାପାତ୍ର, ଉପସଭାପତି ତଥା ଏସ୍‌ପି

## ପୂର୍ବାଞ୍ଚଳ ଆଥ୍‌ଲେଟିକ୍ ପ୍ରତିଯୋଗିତା

ମିହିର ପଣ୍ଡା, ଜିଲା କ୍ରୀଡା ସଂଘ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଏମ୍. ବାଲା କ୍ରୀଷ୍ଣା ରାଓ, ତାରିକ ହାସେନ୍, ସହ ସମ୍ପାଦକ ମନୋଜ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ ନାୟକ, ହକି ସମ୍ପାଦକ ଦୁର୍ଗା ମଲ୍ଲିକ, ଆଥ୍‌ଲେଟିକ୍ ସମ୍ପାଦକ ଜ୍ୟୋତି ପରିଛା, ଇଣ୍ଡୋର ସମ୍ପାଦକ ବୁନୁ ପଟ୍ଟନାୟକ, ମହିଳା କ୍ରୀଡ଼ା ସମ୍ପାଦିକା ଇ. ଚନ୍ଦନା ମଲ୍ଲିକ, ଭଲିବଲ ସମ୍ପାଦକ ବୈକୁଣ୍ଠ, କ୍ରୀଡାବିତ୍ ଏମ୍. ବିଜୟ କୁମାର, ଶଶାଙ୍କ ଶେଖର ବେହେରାଙ୍କ ସମେତ ଜିଲା ପ୍ରାକ୍ତନ ଏବଂ ବରିଷ୍ଠ କ୍ରୀଡ଼ାବିତ୍ ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ଯୋଗ୍ୟ ଯେ ଦଳ ସହ କୋଚ୍ ଭାବରେ ସପନ ବୈରାଗି ଯାଇଛନ୍ତି।




ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିବା କୁନି ରାଜଗଣ୍ଡ (ବାମରୁ ପ୍ରଥମ) ।

# ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଜିଲାପାଳ ଶୁଭଙ୍କର ମହାପାତ୍ର ଦାବିପତ୍ର ଗ୍ରହଣ କରୁଛନ୍ତି।

ନବରଙ୍ଗପୁର,୯।୧୦(ସଦାଶିବ ପ୍ରହରାଜ)

ଜିଲାଭିତ୍ତିକ ନିଯୁକ୍ତି ଦାବିରେ ନବରଙ୍ଗପୁର ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟାଗଡ଼ା ଜିଲା ଏକ ଆଦିବାସୀ ଅଧ୍ୟୁଷିତ ପଞ୍ଚମ ଅନୁସୂଚିତ ଜିଲା। ଏହି ଜିଲାରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ସରକାରୀ ପଦ ପାଇଁ ରାଜ୍ୟସ୍ତରୀୟ ନିଯୁକ୍ତି ପ୍ରକ୍ରିୟା ବନ୍ଦକରି ଜିଲାସ୍ତରୀୟ ନିଯୁକ୍ତି ପ୍ରକ୍ରିୟା ଲାଗୁ କରିବାକୁ ଦାବି ହୋଇଛି।

ଜିଲାର ଗରିବ ଯୁବତୀ ଯୁବକ ଶିକ୍ଷିତ ହୋଇ ଯୋଗ୍ୟତା ଥାଇ ମଧ୍ୟ ନିଜ ଜିଲାରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ପଦବୀରେ ନିଯୁକ୍ତି ପାଇପାରୁ ନାହାନ୍ତି। ଜିଲାରେ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ ନ ଥିବାରୁ ଏଠାକାର ପିଲା ଅନ୍ୟ ପିଲାଙ୍କ ସହିତ ସମକକ୍ଷ ହୋଇପାରୁନାହାନ୍ତି। ଅବିଭକ୍ତ କୋରାପୁଟ ଜିଲାର ଭାଷା ଓ ସଂସ୍କୃତି ଅଲଗା। ବାହାର ଜିଲାର ଶିକ୍ଷକ ଠିକ୍‌ରେ ପିଲାଙ୍କୁ ପାଠ୍ୟକ୍ରମ ବିଷୟରେ ବୁଝାଇ ପାରୁନାହାନ୍ତି। ଭାଷାଗତ ତାରତମ୍ୟ ଯୋଗୁଁ ପିଲା ପାଠ ବୁଝିପାରୁନାହାନ୍ତି। ଏଣୁ ସ୍କୁଲରେ ଡ୍ରପ୍ ଆଉଟ୍ ଦେଖିବାକୁ ମିଳୁଛି। ଯୁବତୀ ଯୁବକଙ୍କୁ ଜିଲାରେ ଚାକିରି ନ ମିଳିବାରୁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଫଳରେ ବେକାରୀ ସମସ୍ୟା ବଢ଼ି ଚାଲିଛି। ମିଳିତ କ୍ରିୟାନୁଷ୍ଠାନ କମିଟି ୨୮ ତାରିଖରୁ ଜିଲାଭିତ୍ତିକ ନିଯୁକ୍ତି ପାଇଁ ଦାବି ଓ ପ୍ରତିବାଦ କରୁଛି। ୪ ତାରିଖରେ ଅବିଭକ୍ତ କୋରାପୁଟ ଜିଲା ବନ୍ଦ କରାଯାଇଥିଲା। କିନ୍ତୁ ଅବିଭକ୍ତ କୋରାପୁଟ ଜିଲାରେ ୨୮୪୮ ପଦବୀରୁ କେବଳ ୨୫୦ ପାର୍ଥୀ ହିଁ ନିଜ ଜିଲାର ନିଯୁକ୍ତି ପାଇଛନ୍ତି। ବଳକା ସବୁ ବାହାର ଜିଲାର ପ୍ରାର୍ଥୀ। ଏହା ଅବିଭକ୍ତ କୋରାପୁଟ ଜିଲାର ଶିକ୍ଷିତ ଯୁବପିଢ଼ିଙ୍କ ପ୍ରତି ଅନ୍ୟାୟ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ୧୫ ଦିନ ଭିତରେ ଦାବି ପୂରଣ ନ ହେଲେ ପଞ୍ଚାୟତସ୍ତରରୁ ଗଣଧାରଣା ଦିଆଯିବ। ଏଥିସହ ଅବିଭକ୍ତ କୋରାପୁଟ ଜିଲାକୁ ସତନ୍ତ୍ର ରାଜ୍ୟ ଘଷଣା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ ଏସ୍‌ଟି ଏସ୍‌ସି ପରିସଂଘ ସଭାପତି ଭଗବାନ ବୈରାଗୀ, ଜିଲା ଏକତା ମଞ୍ଚ ବରିଷ୍ଠ ଉପଦେଷ୍ଟା ଲଳିତ ମୋହନ ନାୟକ, କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଦକ୍ଷିଣ ଓଡିଶା ଆଦିବାସୀ ମହାସଂଘ ସଭାପତି ଅର୍ଜୁନ ଭତରା, ପିସିସି ଉପସଭାପତି ମୁନା ତ୍ରିପାଠୀ, ଜିଲା ଏସ୍‌ସି ସଂଘ ବ୍ଲକ ସଭାପତି ଦେବରାଜ ନାଗ, ଜିଲା ସରପଞ୍ଚ ମହାସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ଭତ୍ରା, ଦୟାନିଧି ସୁନା, ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଂଘ, ସାମାଜିକ କର୍ମୀ କମଲୁ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

# ତାଲା ଭାଙ୍ଗି ସ୍କୁଲରୁ ଚାଉଳ ଚୋରି

ଝରିଗାଁ,୯।୧୦(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ପଞ୍ଚାୟତ ଅଧୀନ ନୁଆଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚାଉଳ ମହଜୁଦ ଘରର ତାଲା ଭାଙ୍ଗି ୨ ବସ୍ତା ଚାଉଳ ଚୋରି ହୋଇଥିବା ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପିତମ ପନକା ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ବୁଧବାର ଦିନରୁ ଦଶହରା ପୂଜା ଛୁଟିର ପ୍ରଥମ ଦିନରେ ବିଦ୍ୟାଳୟର ପାଚିକା ଓ ସହାୟିକା ସ୍କୁଲ ବଗିଚାରେ ପାଣି ଦେବାକୁ ଯାଇଥିଲେ। ବିଦ୍ୟାଳୟର ମୁଖ୍ୟ ଫାଟକ ଏବଂ ଚାଉଳ ମହଜୁଦ ଘରର ତାଲା ଭଙ୍ଗା ହୋଇଥିବା ଦେଖିଥିଲେ । ଏନେଇ ପ୍ରଧାନ ଶିକ୍ଷକ ଖବରପାଇ ସ୍କୁଲକୁ ଆସି ବିଦ୍ୟାଳୟ ପରିଚାଳନା କମିଟିଙ୍କ ସହ ଆଲୋଚନା କରି ଥାନାରେ ଅଭିଯୋଗ କରିଥିଲେ। ଥାନା ଏଏସ୍‌ଆଇ କେଦାରନାଥ ରାଉତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସେହିପରି ଗତ ସୋମବର ଝରିଗାଁ ଥାନା ଅଧୀନ ବାଣ୍ଣୁଆଗୁଡ଼ା ପଞ୍ଚାୟତ କୁହୁରାକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ଟି ଶ୍ରେଣୀ ଗୃହର ତାଲା ଭଙ୍ଗା ଯାଇଥିଲା। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗଦୀଶ ପ୍ରସାଦ ମିଶ୍ର ଝରିଗାଁ ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଥାନା ଏସ୍‌ଆଇ ଲକ୍ଷ୍ମୀନାରାୟଣ ଦୋରା ଘଟଣାସ୍ଥଳରେ ତଦନ୍ତ କରିଥିଲେ। ଉକ୍ତ ବିଦ୍ୟାଳୟର ତାଲା ଭଙ୍ଗା ଯାଇଥିଲେ ମଧ୍ୟ କୌଣସି ଜିନିଷ ଚୋରି ହୋଇ ନ ଥିବା ପ୍ରଧାନ ଶିକ୍ଷକ ମିଶ୍ର ସୂଚନା ଦେଇଛନ୍ତି।



ନୂଆଗୁଡ଼ା ବିଦ୍ୟାଳୟରେ ପୋଲିସ ତଦନ୍ତ କରୁଛି।

# ଷଷ୍ଠୀପୂଜାରେ କଳସ ଶୋଭାଯାତ୍ରା

ଡାବୁଗାଁ, ୯।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଦୁର୍ଗା ମଣ୍ଡପରେ ବୁଧବାର ମା ଦୁର୍ଗାଙ୍କ ଷଷ୍ଠୀ ପୂଜା କରାଯାଇଛି। ମଧ୍ୟାହ୍ନରେ ମାଁ ଠାକୁରାଣୀ ମନ୍ଦିର ପୁଷ୍କରିଣୀରେ ଜଳାଧିବାସ ସହ ଗଙ୍ଗା ଆବାହନ ପରେ ବିଲ୍ୱବରଣ କରାଯାଇଥିଲା। ଗ୍ରାମର ବାଳିକା ଓ ମହିଳାମାନେ କଳସ ମୁଣ୍ଡାଇ ବାଜା ବଜାଇ ବାଣ ଫୁଟାଇ ମହାଆଡମ୍ବରରେ ଶୋଭାଯାତ୍ରାରେ ବାହାରିଥିଲେ। ମଣ୍ଡପରେ କଳସ ସବୁକୁ ସ୍ଥାପନ କରାଯାଇଥିଲା। ରାତିରେ ଷଷ୍ଠୀ ପୂଜା କରାଯାଇଥିଲା। ଗୁରୁବାର ଚକ୍ଷୁ ଦାନ ସହ ମାଙ୍କୁ ଆବାହନ ଓ ସପ୍ତମୀ ପୂଜା କରାଯିବ। ମୁଖ୍ୟ ପୂଜକ ଶିବ ପ୍ରସାଦ ପଣ୍ଡାଙ୍କ ସହ ସହଯୋଗୀ ଯୁଗୋଳ କିଶୋର ପାଢୀ, ଶାନ୍ତନୁ ପାତ୍ର, ସୁନୀଲ ରଥ, ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ବେଳେ ଅନ୍ୟ ପୂଜକମାନେ ପୂଜାରେ ସହାୟତା କରୁଛନ୍ତି। ମହାଆଡ଼ମ୍ବରରେ ଦୁର୍ଗା ପୂଜା ପାଳନ ହେଉଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ଡାବୁଗାଁ ସହର ଝଲସୁଛି। ଏଥିରେ ପୂଜା କମିଟି ସଭାପତି ଜେ. ରାଜଶେଖର ରାଓ, ଉପସଭାପତି ଦିବ୍ୟରଞ୍ଜନ ରାୟପାତ୍ର, ସମ୍ପାଦକ ସୁରେନ୍ଦ୍ର କୁମାର ମିଶ୍ର, କୋଷାଧ୍ୟକ୍ଷ ସୁରେଶ କୁମାର ବେହେରା, ସଭ୍ୟ ଜି. ସାଇରାଜୁ, ସୌଭାଗ୍ୟ ବିଶ୍ୱାଳ, ରାଜେଶ ଅଗ୍ରୱାଲ, ଏମ୍. ବୁଲୁ ରାଓ, ଏମ୍. ବାସୀ ରାଓ, ଭଗବାନ ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।




ମା'ଙ୍କ କଳସ ଶୋଭାଯାତ୍ରା।

# ମହିଳାଙ୍କ ନାମରେ ଋଣ, ୫୦ଲକ୍ଷରୁ ଉର୍ଦ୍ଧ୍ୱ ହଡ଼ପ

## ଶତାଧିକ ମହିଳା ଏସ୍‌ପିଙ୍କ ଦ୍ୱାରସ୍ଥ

ନବରଙ୍ଗପୁର , ୯।୧୦(ସଦାଶିବ ପ୍ରହରାଜ)

ମହିଳାଙ୍କ ନାମରେ ବିଭିନ୍ନ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ ଋଣ କରି ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ ହୋଇଛି। ଠକାମିର ଶିକାର ହୋଇଛନ୍ତି ନବରଙ୍ଗପୁର ଜିଲା ସିରିଶି ପଞ୍ଚାୟତ ପାପଡ଼ାହାଣ୍ଡି ବ୍ଲକ ବାଣ୍ଣୁଆଗୁଡା ଗ୍ରାମବାସୀ। ଋଣ କରିଥିବା ବ୍ୟକ୍ତି ଏବେ ଫେରାର ଥିବାବେଳେ କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ଏ ନେଇ ମହିଳାମାନେ ପାପଡ଼ାହାଣ୍ଡି ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନାନୁଯାୟୀ ବାଣ୍ଣୁଆଗୁଡ଼ା ଗାଁର ଆଶାକର୍ମୀ ସୁବାସିନୀ ମହାପାତ୍ରଙ୍କ ସ୍ୱାମୀ ଓ ପୁଅ ସେହି ଗ୍ରାମର ୧୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ୪ଟି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଓ ଆକ୍ସିସ ବ୍ୟାଙ୍କରେ ଋଣ ନେବାକୁ ପରାମର୍ଶ ଦେଇଥିଲେ। ଋଣ ମିଳିବା ପରେ ସବୁ ଟଙ୍କା ତାଙ୍କୁ ଦେଲେ ନିଜେ ପରିଶୋଧ କରିବେ ଏବଂ ସେମାନଙ୍କୁ କିଛି ସୁଧ ଟଙ୍କା ଦେବେ ବୋଲି କହିଥିଲେ। ମହିଳାମାନଙ୍କୁ ନିଜ ଘରକୁ ନେଇ ଟିପ ଚିହ୍ନ




ଏସ୍‌ପିଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ମହିଳାମାନେ।

ଓ ବିଭିନ୍ନ ପ୍ରମାଣ ପତ୍ର ନେଇ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଯଥା ଅନ୍ନପୂର୍ଣ୍ଣା, ଟାଟା, ସ୍ୱନ୍ଦନା, ସୂର୍ଯ୍ୟୋଦୟ ଏବଂ ଆକ୍ସିସ ବ୍ୟାଙ୍କରୁ ଋଣ କରାଇଥିଲେ। ଜଣେ ଜଣେ ମହିଳାଙ୍କ ନାମରେ ୩୦ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ହୋଇଥିଲା। ଉକ୍ତ ଟଙ୍କା ସୁବାସିନୀ ଓ ତାଙ୍କ ପୁଅ ନେଇଯାଇଥିଲେ। ଋଣ ନେବାର ୬ମାସ ପର୍ଯ୍ୟନ୍ତ ମାସିକ କିସ୍ତି ବାନ୍ଧି ନ ଥିଲେ। ଆକ୍ସିସ୍ ବ୍ୟାଙ୍କରୁ ୧୦ଜଣ ମହିଳାଙ୍କୁ ଋଣ ପରିଶୋଧ ନୋଟିସ୍ ମିଳିଥିଲା। ଏବେ ଋଣ କିପରି ପରିଶୋଧ କରିବେ ସେ ନେଇ ମହିଳାମାନେ ଚିନ୍ତାରେ। ଏନେଇ ବାଣ୍ଣୁଆଗୁଡ଼ା ଗ୍ରାମର ଚନ୍ଦ୍ରମା ଭତରା ପାପଡ଼ାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ସୁବାସିନୀ, ପୁଅ ନିରାକାର ଓ ସ୍ୱାମୀ ଶରତ ମହାପାତ୍ର ସମ୍ପୃକ୍ତ ଥିବା ଏତଲାରେ ଉଲ୍ଲେଖ ରହିଛି। ଉକ୍ତ ଗ୍ରାମର ଡମେଇ ଭତରା, ଗୋରୀ ଭତରା, ଦେବକୀ ଭତରା, ମଙ୍ଗଳଦେଇ ଭତରା, କମଳା ଭତରା, କୁମାରୀ ଭତରା, ମନିମୁକତା ଭତରା, ଡମେଇ ଲହରା, ମାଳତୀ ଲହରା, ମଣିମା ଲୋହାର ମଧ୍ୟ ସମାନ ଅଭିଯୋଗ କରିଛନ୍ତି। କୁଲି କାମ କରି ଚଳୁଥିବା ବେଳେ ସେମାନଙ୍କ ସରଳତାର ସୁଯୋଗ ନେଇ ବଡ଼ ଧରଣର ଠକାମି ହୋଇଥିବା ମହିଳାମାନେ କହିଛନ୍ତି। ଅଭିଯୁକ୍ତଙ୍କୁ ଧରି ସେମାନଙ୍କଠାରୁ ଋଣ ଅର୍ଥ ଆଦାୟ ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ମହିଳାମାନେ ଦାବି କରିଛନ୍ତି। ଅତିରିକ୍ତ ଏସ୍‌ପି ବଟକୃଷ୍ଣ ମିଶ୍ର ମହିଳାମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଛନ୍ତି। ଘଟଣାର ତଦନ୍ତ ପାଇଁ ପାପଡାହାଣ୍ଡି ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି ମିଶ୍ର କହିଛନ୍ତି।

